## ସଂକ୍ଷେପରେ

### ପତାକା ଉତ୍ତୋଳନ କରିବେ ଖାଦ୍ୟ ଯୋଗାଣ ମନ୍ତ୍ରୀ

ଢେଙ୍କାନାଳ ଅଫିସ,୨୩।୧- ଢେଙ୍କାନାଳ ଜିଲା ସଦର ମହକୁମାରେ ଆସନ୍ତା ଗୁରୁବାର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଏହି ଅବସରରେ ଜିଲା ପ୍ରଶାସନ ଓ ସୂଚନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ସ୍ଥାନୀୟ ଷ୍ଟାଡିୟମଠାରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ମୁଖ୍ୟ ଅତିଥି ସକାଳ ସାଢ଼େ ୮ଟା ସମୟରେ ଷ୍ଟାଡିୟମଠାରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିବେ। ଏଥିପୂର୍ବରୁ ସକାଳ ୭ଟା ୩୫ମିନିଟରୁ ସହରରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଏହାପରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗ ଦେବାର କାଯର୍ଯ୍ୟକ୍ରମ ରହିଛି।

# ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚିତ

### ବାଗଡ଼ିଆ ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ୍ ଜୁବିଲିର ଦ୍ୱିତୀୟ ଦିବସ

ଛେଣ୍ଡିପଦା,୨୩।୧(ସ୍ୱ.ପ୍ର.)



ସ୍ୱତନ୍ତ୍ର ଡାକ ଲଫାପାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ପାଳନ ହେଉଛି। ସୋମବାର ଦ୍ୱିତୀୟ ଦିବସରେ ଡାକ ଲଫାପା ଉନ୍ମୋଚିତ ହୋଇଛି। ଜୁବିଲି କମିଟି ସଭାପତି ତଥା ପୁରାତନ ଛାତ୍ର ପ୍ରାଧ୍ୟାପକ ପ୍ରଦୀପ କୁମାର କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଭାରତୀୟ ଡାକ ବିଭାଗ ସମ୍ବଲପୁରସ୍ଥିତ ଆଞ୍ଚଳିକ ମହାପ୍ରବନ୍ଧକ ରିଙ୍କୁ ଗାଙ୍ଗୁଲି, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳସ୍ଥିତ ଭାରତୀୟ ଡାକ ବିଭାଗ ଅଧୀକ୍ଷକ ଜଗଦୀଶ ଦାଶ ଓ ବାଗଡିଆ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୀତାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ଉନ୍ମୋଚନ କରିଥିବା ଡାକ ଲଫାପାରେ ବାଗଡିଆ ଉଚ୍ଚ ବିଦ୍ୟାଳୟ, ଜଗନ୍ନାଥ ମନ୍ଦିର, ମା’ ବୁଢ଼ୀ ଠାକୁରାଣୀ, ମା’ ବାୟାଣୀଙ୍କ ଫଟୋ ଚିତ୍ର ସ୍ଥାନିତ କରାଯାଇଛି। ଏ ନେଇ ଡାକବିଭାଗକୁ ଜୁବିଲି କମିଟି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ସ୍ୱାମୀ ବିବେକାନନ୍ଦଙ୍କ ପରି ହେବାକୁ ପରାମର୍ଶ ଦେବା ସହ ଗୁରୁଙ୍କୁ ଭକ୍ତି ଓ ମାତାପିତାଙ୍କୁ ସ୍ନେହ କରୁଥିବା ଛାତ୍ରୀଛାତ୍ର ସଂସାରର ଶ୍ରେଷ୍ଠ ବ୍ୟକ୍ତି ହୋଇପାରିବେ ବୋଲି କହିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୀତାଞ୍ଜଳି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜୁବିଲି କମିଟି ସମ୍ପାଦକ ସତ୍ୟବ୍ରତ ପ୍ରଧାନ, ସହ ସମ୍ପାଦକ ମୋହନ ଚନ୍ଦ୍ର ଦେହୁରୀ, କୋଷାଧ୍ୟକ୍ଷ ବୁଦ୍ଧଦେବ ପ୍ରଧାନ, ରମେଶ ପ୍ରଧାନଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଡୁମାଲ ସମାଜର ସମାବେଶ

ମାଧପୁର, ୨୩।୧

ଆଠମଲ୍ଲିକ ବ୍ଲକ କନ୍ଧପଡ଼ା ମାହେଶ୍ୱରୀ ଭବନଠାରେ ରବିବାର ଡୁମାଲ ପରିଷଦ ଅନୁଗୋଳ ଜିଲା କମିଟି ତରଫରୁ ୬ଟି କେନ୍ଦ୍ରର କର୍ମକର୍ତ୍ତାଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଲୁଣହାଣ୍ଡି କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ପରାଶର ମେଣ୍ଟୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଜିଲା ଉପସଭାପତି ତଥା ଆଠମଲ୍ଲିକ କେନ୍ଦ୍ରର ସଭାପତି ସୁଧାଂଶୁ ଗାଇଗରିଆ ଯୋଗଦେଇ ବୈଠକର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟି ସଦସ୍ୟ ଆଇନଜୀବୀ ଅଞ୍ଜନ ପ୍ରଧାନ, ପରଙ୍ଗ କେନ୍ଦ୍ର ସଭାପତି ବିପିନ ପାତ୍ର, ଅଏଡା କେନ୍ଦ୍ର ସଭାପତି କ୍ଷୀରୋଦ ବଘାର, କନ୍ଧପଡା କେନ୍ଦ୍ର ସଭାପତି ଚତୁର୍ଭୁଜ ପ୍ରଧାନ, କିଆକଟା କେନ୍ଦ୍ର ସଭାପତି ଚମ୍ପେଶ୍ୱର ମେଶୁଆ, ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ଆହୁରି ମଜଭୁତ କରାଯିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ସମସ୍ତ ୬ଟି କେନ୍ଦ୍ରର ଅନେକ ସଦସ୍ୟ ସାମିଲ ହୋଇଥିଲେ।



ସମାବେଶରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ।

# ପଞ୍ଚକୁଣ୍ଡୀୟ ହନୁମାନ ମହାଯଜ୍ଞ ଆରମ୍ଭ

ଢେଙ୍କାନାଳ ଅଫିସ,୨୩।୧

ଢେଙ୍କାନାଳ ସହର ଯାଉଁଳିପୋଖରୀ ମଠସ୍ଥିତ ଶ୍ରୀଶ୍ରୀ ସଙ୍କଟମୋଚନ ହନୁମାନ ମନ୍ଦିରରେ ସୋମବାର ୩୧ ତମ ବାର୍ଷିକ ପ୍ରତିଷ୍ଠା ଦିବସ ଅବସରରେ ପ୍ରତିବର୍ଷ ଭଳି ରବିବାରଠାରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ପଞ୍ଚକୁଣ୍ଡୀୟ ହନୁମାନ ମହାଯଜ୍ଞ ଆରମ୍ଭ ହୋଇଛି। ସାଧୁ ଶ୍ରୀପ୍ରଭୁପାଦ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ମହାଯଜ୍ଞ ଚାଲିଛି। ଯଜ୍ଞ ଆଚାର୍ଯ୍ୟ ଭାବେ ଅମରେନ୍ଦ୍ର ନନ୍ଦଶର୍ମା କାର୍ଯ୍ୟ କରୁଥିବା ବେଳେ ରବିବାର ସନ୍ଧ୍ୟା ୭ଟାରେ ଅଙ୍କୁରାରୋପଣ, ସୋମବାର ତୀର୍ଥ ଆବାହନ, ଅଧିବାସ କାର୍ଯ୍ୟ କରାଯାଇଥିଲା। ୨୪ରୁ ୨୬ ତାରିଖ ଯାଏ ପ୍ରତିଦିନ ସୂର୍ଯ୍ୟପୂଜା, ଗୀତା ବିଷ୍ଣୁ ସହସ୍ରନାମ ପଠନ, ଗୋପୂଜନ ଓ ୨୬ରେ ଯଜ୍ଞ ପୂର୍ଣ୍ଣାହୁତି ହେବ। ଏହି ଅବସରରେ ଶ୍ରଦ୍ଧାଳୁମାନେ ସୋମବାର ବ୍ରାହ୍ମଣୀ ନଦୀର କମଗରା ଘାଟରୁ ପୂଜାର୍ଚ୍ଚନା କରି ଘଟସ୍ଥାପନ ପାଇଁ ଜଳ ଆଣିଥିଲେ।



ଘଟସ୍ଥାପନ ପାଇଁ ବ୍ରାହ୍ମଣୀ ନଦୀର କମଗରା ଘାଟରେ ପୂଜାର୍ଚ୍ଚନା।

# ରାଜ୍ୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରସ୍ତୁତି




କାମାକ୍ଷାନଗର,୨୩।୧(ଡି.ଏନ.ଏ.)

କାମାକ୍ଷାନଗର କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ବିଦ୍ୟାଳୟ ସମୂହ କବାଡି, ଥ୍ରୋ ବଲ, ବ୍ୟାଡ ମିଣ୍ଟନ ଚାମ୍ପିୟନଶିପ୍ ତଥା ଭାରତ ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ପରି ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ସାରଙ୍ଗଧର ଷ୍ଟାଡିୟମରେ ଆସନ୍ତା ୨୮ ତାରିଖରୁ ୫ଦିନ ବ୍ୟାପୀ ଏହି ଚାମ୍ପିୟନଶିପ ଅନୁଷ୍ଠିତ ହେବାକୁ ଥିବାବେଳେ ଫେବୃୟାରୀ ୩ରୁ ୩ ଦିନ ବ୍ୟାପୀ ହେବାକୁ ଥିବା ଭାରତ ସ୍କାଉଟ୍ସ ଗାଉଡ୍ସ କ୍ୟାମ୍ପରି ସୁପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପଞ୍ଚାୟତିରାଜ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିପ୍ରସାଦ ପରିଡା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ରାଜ୍ୟ ଭଲି ବଲ ଆସୋସିଏଶନ ଯୁଗ୍ମ ସମ୍ପାଦକ ଆଦିତ୍ୟ ଆଚାର୍ଯ୍ୟ, କାମାକ୍ଷାନଗର ବିଇଓ ଜଗବନ୍ଧୁ ଜେନା, ପରଜଙ୍ଗ ବିଇଓ ହରିହର ଦେହୁରୀ, ଏବିଓ ଅମ୍ବିକା ସାହୁ, ଏବିଓ ଗଣେଶ୍ୱର ବେହେରା, ବ୍ଲକ ନୋଡାଲ ଅଧିକାରୀ ସୁରେନ୍ଦ୍ର ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଷଡଙ୍ଗୀ, କୈଳାସ ଚନ୍ଦ୍ର ପୃଷ୍ଟି, ଗାଇଡ୍ସ କମିଶନର ପୁଷ୍ପାଞ୍ଜଳି ଦଳେଇ, ସ୍କାଉଟ୍ସ କମିଶନର ଇତିଶ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସିଆର୍‌ସିସି, ପିଇଟି ଓ ସହାୟକ ଶିକ୍ଷକ ଉପସ୍ଥିତ ଥିଲେ। ଶ୍ରୀରାମ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜରାଶ୍ରମରେ କମ୍ବଳ, ଖାଦ୍ୟ ବଣ୍ଟନ

ଅନୁଗୋଳ ଅଫିସ, ୨୩।୧

ଛେଣ୍ଡିପଦା ବ୍ଲକ ନୂଆଁପଡ଼ା ନିକଟସ୍ଥ ସେଣ୍ଟ ଜରା ନିବାସରେ ସାମାଜିକ କର୍ମୀମାନଙ୍କ ଦ୍ୱାରା ଶୀତ ବସ୍ତ୍ର ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ସାମାଜିକ କର୍ମୀ ତଥା ସିଆଇଡି ଇନ୍ସପେକ୍ଟର ତପନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସାମାଜିକ କର୍ମୀମାନେ ଅନ୍ତେବାସୀମାନଙ୍କୁ କମ୍ବଳ ସହ ବିସ୍କୁଟ ଆଦି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ଇନ୍ସପେକ୍ଟର ନାୟକ ବୃଦ୍ଧାବୃଦ୍ଧମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ସେମାନଙ୍କ ସହିତ ଲୁଡୁ ଓ କ୍ୟାରମ ଖେଳି ସମସ୍ତଙ୍କୁ ଆନନ୍ଦିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ସାମାଜିକ କର୍ମୀ ନିଲେଶ ଅନିରୁଦ୍ଧ ନାୟକ, ସୁଶ୍ରୀ ପ୍ରଭାସିନୀ, ତରୁଣ, ଶୁଭଶ୍ରୀ ସାହୁ ଓ ଜରାଶ୍ରମ ପରିଚାଳକ ଶ୍ରୀବତ୍ସ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଅନ୍ତେବାସୀଙ୍କ ସହ ଲୁଡୁ ଖେଳୁଛନ୍ତି ସାମାଜିକର୍ମୀ।

# ତାଳଚେର ପୁସ୍ତକ ମେଳା ଉଦ୍‌ଘାଟିତ

ତାଳଚେର, ୨୩।୧ (ନି.ପ୍ର.)

ତାଳଚେର ହାଟତୋଟାସ୍ଥିତ ପ୍ରଜାମଣ୍ଡଳ ଭବନ ପରିସରରେ ସୋମବାର ୨୦ତମ ତାଳଚେର ପୁସ୍ତକ ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଅନ୍ୟତମ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ମୁଖ୍ୟବକ୍ତା ଅତିରିକ୍ତ ଜିଲାପାଳ ସନ୍ତୋଷ ପ୍ରଧାନ, ପୁସ୍ତକ ମେଳାର ସଭାପତି ତଥା ଉପଜିଲାପାଳ ବିଶ୍ୱମୋହନ ରଥ, ସାଧାରଣ ସମ୍ପାଦକ ଦେବୀ ମିଶ୍ର ପ୍ରମୁଖ ଯୋଗଦେଇ ଏହି ସାରସ୍ୱତ ସମାରୋହକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଜଣାପଡିଛି। ଏହି ମେଳାରେ ଜିଲା ତଥା ରାଜ୍ୟର ଅନ୍ୟ ସ୍ଥାନରୁ ବହୁ ପ୍ରତିଷ୍ଠିତ ବହି ବିକ୍ରେତା ସେମାନଙ୍କ ଷ୍ଟଲ୍ ଖୋଲିଛନ୍ତି। କରୋନା ଯୋଗୁ ୨ ବର୍ଷ ବ୍ୟବଧାନରେ ଏହି ପୁସ୍ତକ ମେଳା ଅନୁଷ୍ଠିତ ହେଉଥିବାରୁ ବହୁ ସଂଖ୍ୟାରେ ପୁସ୍ତକ ପ୍ରେମୀଙ୍କ ସମାଗମ ହେବାର ଆଶା କରାଯାଉଛି।




ଉଦ୍‌ଘାଟନୀ ମଞ୍ଚରେ ଉପସ୍ଥିତ ଅତିଥିମାନେ।

# ପଥପ୍ରାନ୍ତ ସଭା, ଅନ୍ନପ୍ରସାଦ ବଣ୍ଟନ

ଅନୁଗୋଳ ଅଫିସ, ୨୩।୧

ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ଦୁଇ ମହାନ୍ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ପକ୍ଷରୁ ପିସିସି ସଭ୍ୟ ଜୟନ୍ତ କୁମାର ସାହୁ, ଜିଲା ଓ.ବି.ସି. ସେଲ୍ ସଭାପତି ପ୍ରବୋଧ କୁମାର ସ୍ୱାଇଁ, ଜିଲା କଂଗ୍ରେସ କମିଟି ଉପସଭାପତି ବଲବୀର୍ ସିଂ, ଓ.ବି.ସି ସେଲ୍ ନଗର ସଭାପତି ଭଗବାନ ମହାନ୍ତିଙ୍କ ନେତୃତ୍ୱରେ ଦୁଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଏକ ପ୍ରଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ଏଥିସହିତ ମା’ ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଅର୍ଣ୍ଣପ୍ରସାଦ ବଣ୍ଟନ କରାଯାଇଥିଲା। ଜିଲା ଯୁବ କଂଗ୍ରେସ ସଭାପତି ଲୁଟୁ ରଞ୍ଜନ ଥାପା, ଉପସଭାପତି ଅଭିଷେକ ନାୟକ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାହୁ, ନଗର ଛାତ୍ର କଂଗ୍ରେସ ସଭାପତି ବିଶ୍ୱଜିତ ବିଶ୍ୱାଳ, ଯୁବ ନେତା ସିକେନ୍ଦ୍ର ବିଶ୍ୱାଳ, ଜିଲା ଛାତ୍ର କଂଗ୍ରେସ ସମ୍ପାଦକ ଦିନେଶ କାର୍ତ୍ତିକ ସାହୁ, ସୌମ୍ୟ ରଞ୍ଜନ ବେହେରା, ଶାନ୍ତନୁ ବେହେରା, ଲୁଲୁ ଥାପା, ଶୁଭମ ସାହୁ, ସୂର୍ଯ୍ୟନାରାୟଣ ବାଘ, ସଚିନ କୁମାର ଦେହୁରୀ, ଦେବଦାସ ବେଶ୍ରା, ଭକ୍ତି ପ୍ରସାଦ ନାୟକ, ଏସ୍.କେ ଜାହିର ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା କଂଗ୍ରେସ ପକ୍ଷରୁ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ତ୍ରି-ଦିବସୀୟ ପ୍ରଶିକ୍ଷଣ ଶିବିର

ପରଜଙ୍ଗ,୨୩।୧(ଡି.ଏନ.ଏ.)

ପରଜଙ୍ଗ ବ୍ଲକ ପାଣିଗେଙ୍ଗୁଟିଆ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳଠାରେ ସ୍ୱେଚ୍ଛାସେବୀ ସଙ୍ଗଠନ ଇଡିଅଟ ପକ୍ଷରୁ ପଞ୍ଚାୟତିରାଜ ପ୍ରତିନିଧିଙ୍କ ତ୍ରି-ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଣ୍ଟାପାଟ ସରପଞ୍ଚ ପ୍ରଶାନ୍ତ ନାୟକ, ସାନ୍ଦା ସରପଞ୍ଚ ଜୟନ୍ତୀ ଦାସ, କୁମୁସୀ ସରପଞ୍ଚ ବଳରାମ ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ପ୍ରଶିକ୍ଷକ ଶିଶିର ଶତପଥୀ, ସୁଶାନ୍ତ ପତି ତାଲିମ ପ୍ରଦାନ କରିଥିଲେ। ଶିବିରରେ ଉପରୋକ୍ତ ୩ ପଞ୍ଚାୟତର ୩୬ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ସେହିପରି ଚାନ୍ଦପୁର, ରୋଡ, ଆଖୁଆପାଳ, ପାଟରପଦା ପଞ୍ଚାୟତର ୩୭ ୱାର୍ଡ ସଭ୍ୟାସଭ୍ୟ ତାଲିମ ନେଇଥିଲେ। ରୋଡ ପଞ୍ଚାୟତ ସରପଞ୍ଚ ବିଶ୍ୱଜିତ୍ ନାୟକ, ପାଟରପଦା ସରପଞ୍ଚ ଜ୍ୟୋସ୍ନାମୟୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ସରୋଜ ଶତପଥୀ, ବିକ୍ରମାଦିତ୍ୟ ଜେନା ତାଲିମ ପ୍ରଦାନ କରିଥିଲେ। ପ୍ରିୟଦର୍ଶିନୀ ପରିଡା, ଶୁଭଲକ୍ଷ୍ମୀ ସାହୁ, ପ୍ରିୟପ୍ରିତମ ପଣ୍ଡା ପରିଚାଳନା କରିଥିଲେ।



# ଇତିହାସ ବିଭାଗ ଟିମ୍ ଚାମ୍ପିୟନ

ଅନୁଗୋଳ ଅଫିସ, ୨୩।୧

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଆଥଲେଟିକ କ୍ଲବ ଓ ଏମ୍‌ବିଏର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଇତିହାସ ବିଭାଗ ଓ ପଦାର୍ଥ ବିଜ୍ଞାନ ବିଭାଗ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଇତିହାସ ବିଭାଗ ଚାମ୍ପିୟନ ହୋଇଥିଲା। ସହଦେବ ସାହୁ ଓ ଅବିନାଶ ଗଡ଼ନାୟକ ଖେଳ ପରିଚାଳନା କରିଥିଷଲ। ପଦାର୍ଥ ବିଜ୍ଞାନ ବିଭାଗର ସୁରେନ୍ଦ୍ର ଭୋଇ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସ୍‌ର ଡ. ଗଙ୍ଗାଧର କର ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଥ୍‌ଲେଟିକ କ୍ଲବର ଭିଭି ଡ. ଚିତ୍ତରଞ୍ଜନ ସାହୁ, ଡ. ବସନ୍ତ ସାହୁ, ଡ.ଶରତ ପରିଡ଼ା, ରୀନା ମାରାଣ୍ଡି, ଦୀପକ ମିଶ୍ର, ଲିପିକା ପରିଡ଼ା, ମନୋରଞ୍ଜନ ମିଶ୍ର, ଅଭୟ ମଲ୍ଲିକ, ସୁଜ୍ଞାନୀ ରଥଙ୍କ ସହିତ ଅଧ୍ୟାପିକା, ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଡ. ବିଜ୍ଞାନ ଦିଗଲ, ଡ. ଶ୍ରୀକାନ୍ତ କୁମାର ବାରିକ ଏବଂ ଅମରେଶ ପଣ୍ଡା ସହଯୋଗ କରିଥିଲେ। ବିଶ୍ୱଜିତ ବିଶ୍ୱାଳ, ଶ୍ରବଣ ପ୍ରଧାନ, ଶୁଭାଶିଷ ଜେନା ସହଯୋଗ କରିଥିଲେ।



ଅତିଥିମାନଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି, ୫୦ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ ଅଫିସ, ୨୩।୧

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ବଅଁରପାଳ ବ୍ଲକ ତୁରଙ୍ଗ ଠାରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ବସୁଧା)ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦୀନେଶ ପ୍ରଧାନଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ନେତାଜୀ ଯୁବକ ସଂଘ ଓ ବିଜୁ ଯୁବ ଜନତା ଦଳ ଦ୍ୱାରା ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ବରିଷ୍ଠ ନେତା ବ୍ରଜବନ୍ଧୁ ସାହୁ, ଛବିନାରାୟଣ ସାହୁ, ପବିତ୍ର ମୋହନ ଦାସ, ନେତାଜୀ ଯୁବକ ସଂଘ ଉପସଭାପତି ସରୋଜ ପଣ୍ଡା, ରାଜ୍ୟ ଯୁଗ୍ମ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ ଉପସ୍ଥିତ ଥିଲେ। ଜିଲା ମିଡ଼ିଆ କୋଅର୍ଡିନେଟର ସୁନୀତା ନାଏକ, ଜିଲା ଉପସଭାପତି ପ୍ରକାଶ ଭୋଇ ଓ କିଶୋର କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ ସଞ୍ଜୀବ ସାହୁ ଓ ଅନୀଲ ଭୂୟାଁ, ଜିଲା ସମ୍ପାଦକ ଅମିତ କୁମାର ଦାସ ଓ ସୌରଭ ବେହେରା, ଛାତ୍ରନେତା ରାହୁଲ ମହାପାତ୍ର ଶିବିର ପରିଚାଳନା କରିଥିଲେ।




ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ସଂକ୍ଷେପରେ

### ୫ ଅଭିଯୁକ୍ତ କୋର୍ଟଚାଲାଣ

ଭୁବନ,୨୩।୧(ଡି.ଏନ.ଏ.)- ଢେଙ୍କାନାଳ ଜିଲା ଭୁବନ ପୋଲିସ ସୋମବାର ଭୋର୍ ସମୟରେ ଚଢ଼ାଉ କରି ୫ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ଭୁବନ ଥାନା ଯମୁନାକୋଟ ଗ୍ରାମର ମନୋଜ ବେହେରା(୩୩), ଉଗ୍ରସେନ ବାରିକ(୫୦), ଅନୁପ ବେହେରା (୨୯), ସର୍ବେଶ୍ୱର ବାରିକ(୬୨) ଓ ମାୟାଧର ବେହେରା(୬୧)। ଏ ନେଇ ନମ୍ବର ୪୩୫/୨୦୨୧ରେ ମାମଲା ରୁଜୁ ହୋଇଛି। ଭୁବନ ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ସମେତ କର୍ମଚାରୀମାନେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୨୩।୧(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଲକ୍ଷ୍ମୀପୁର ଅଞ୍ଚଳର ଫେରାର ଅଭିଯୁକ୍ତ ତ୍ରିନାଥ ସେଠୀଙ୍କୁ ରବିବାର ରାତିରେ ବଇଣ୍ଡା ଫାଣ୍ଡି ପୋଲିସ ଗିରଫ କରିଛି। ପୋଲିସ କହିଛି, ତ୍ରିନାଥଙ୍କ ନାମରେ ପୂର୍ବରୁ ହଣ୍ଡପା ଥାନାରେ ଏକ ଚୋରା ଦେଶୀ ବନ୍ଧୁକ କାରବାର ସମ୍ପର୍କିତ ମାମଲା ଥିଲା। ସେ କିଛିଦିନ ହେବ ପୋଲିସକୁ ଚକ୍‌ମା ଦେଖାଇ ଫେରାର ଥିଲେ। ଘରେ ଥିବା ଖବରପାଇ ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ମୃତିରଞ୍ଜନ ନାୟକ ଚଢ଼ାଉ କରିଥିଲେ। ଏ ନେଇ ନଂ. ୨୫୮/୨୨ରେ ଏକ ମାମଲା ରୁଜୁ ହୋଇଛି।

### ଗାଡ଼ି ଲାଇଟମରାକୁ କେନ୍ଦ୍ର କରି ମାଡ଼ ଅଭିଯୋଗ

ପରଜଙ୍ଗ,୨୩।୧(ଡି.ଏନ.ଏ.)- ଗାଡି ଲାଇଟ୍ ମରାକୁ କେନ୍ଦ୍ର କରି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଲୋଧଣୀ ସରପଞ୍ଚ ଝସକେତନ ବିଶ୍ୱାଳ ଜଣେ ପିକ୍‌ଅପ୍ ଡ୍ରାଇଭରଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଉକ୍ତ ଗ୍ରାମର ସର୍ବେଶ୍ୱର ବିଶ୍ୱାଳ ରବିବାର ସନ୍ଧ୍ୟାରେ ଲୋଧଣୀ ଛକ ନିକଟରେ ପିକଅପ ଚଳାଇ ଯାଉଥିବାବେଳେ ବିପରୀତ ଦିଗରୁ ସରପଞ୍ଚ ନିଜ କାରର ହେଡ୍ ଲାଇଟ ଦେଇ ଫେରୁଥିଲେ। ହେଡ୍‌ଲାଇଟ୍ ଦେଇ କାହିଁକି ଗାଡ଼ି ଚଳାଉଛନ୍ତି ବୋଲି ସର୍ବେଶ୍ୱର ସରପଞ୍ଚଙ୍କୁ ପ୍ରଶ୍ନ କରିଥିଲେ। ପରେ ସରପଞ୍ଚ ଅସଭ୍ୟ ଭାଷାରେ ଗାଳି କରିବାସହ ନିଜ ସମର୍ଥକଙ୍କ ସହାୟତାରେ ତାଙ୍କୁ ମାଡ଼ ମାରିଥିବା ସର୍ବେଶ୍ୱର ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସୋମବାର ସରପଞ୍ଚ ଝସକେତନ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କୁ ଡ୍ରାଇଭର ସର୍ବେଶ୍ୱର ଉଦ୍ଦେଶ୍ୟମୂଳକ ଭାବେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ପକ୍ଷର ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ନାବାଳକଙ୍କ ଆତ୍ମହତ୍ୟା

ଅନୁଗୋଳ ଅଫିସ,୨୩।୧- ଅନୁଗୋଳ ସଦର ଥାନା ଜରାସିଂହା ଗ୍ରାମର ଅଭୟ ସାହୁଙ୍କ ପୁଅ ଶୁଭମ ସଙ୍କେତ ସାହୁ(୧୭) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ କହିଛି, ଶୁଭମ୍ ବେକରେ ରଶି ଲଗାଇ ଝୁଲି ପଡିଥିଲେ। ପରିବାର ଲୋକେ ଉଦ୍ଧାର କରି ରବିବାର ବିଳମ୍ବିତ ରାତିରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକ ତାଙ୍କୁ ଗାଳି କରିବାରୁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ଶଟର ଭାଙ୍ଗି ଚୋରି

ଅନୁଗୋଳ ଅଫିସ, ୨୩।୧- ଅନୁଗୋଳ ଜିଲା ବିକ୍ରମପୁର ଏଫ୍‌ସିଆଇ ଥାନା ମୁଣ୍ଡା ବଜାରରେ ଥିବା ଏକ ରାଶନ ଗୋଦାମରୁ ଚୋରି ହୋଇଛି। ଏ ନେଇ ବଅଁରପାଳ ଅଞ୍ଚଳର ନିତ୍ୟାନନ୍ଦ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୮/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ନିତ୍ୟାନନ୍ଦଙ୍କ ୪୦ ବର୍ଷ ହେବ ମୁଣ୍ଡା ବଜାରରେ ଏକ ଗୋଦାମ ରହିଛି। ତାଙ୍କ ଗୋଦାମ ଘରୁ ୪୦ ବସ୍ତା ଅଟା ଓ ୫ ବସ୍ତା ଚାଉଳ ଚୋରି ହୋଇଛି।

### ବାଇକ୍ ଚୋରି ଅଭିଯୋଗ

ଅନୁଗୋଳ ଅଫିସ,୨୩।୧-ଅନୁଗୋଳ ଜିଲା ନାଲ୍‌କୋ ଥାନା କାଣ୍ଡସର ଅଞ୍ଚଳରୁ ଏକ ବାଇକ୍ ଚୋରି ହୋଇଛି। ଏ ନେଇ କଟକ ଜିଲା ନିଆଳି ଅଞ୍ଚଳର ପପୁନ୍ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୩/୨୩ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ପପୁନ୍ ତାଙ୍କ ବାଇକକୁ ଭଡ଼ାରେ ରହୁଥିବା କାଣ୍ଡସର ଘରଠାରେ ରଖିଥିଲେ। କେହି ଦୁର୍ବୃତ୍ତ ତାଙ୍କ ବାଇକ ଚୋରି କରି ନେଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ଶିକ୍ଷା ସହିତ ସେବା ମନୋଭାବ ଜରୁରୀ


ସ୍ୱତନ୍ତ୍ର ଶୀତକାଳୀନ ସେବା ଶିବିରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଆଠମଲ୍ଲିକ, ୨୩।୧ (ଡି.ଏନ.ଏ.)

ଆଠମଲ୍ଲିକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସଙ୍ଗଠନ ତରଫରୁ କଲେଜ ନିକଟସ୍ଥ ଯଦୁପୁର ଗ୍ରାମରେ ସ୍ୱତନ୍ତ୍ର ଶୀତକାଳୀନ ସେବା ଶିବିର ରବିବାରଠାରୁ ଆରମ୍ଭ ହେଇଛି। ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉକ୍ତ ଶିବିରକୁ ଉଦ୍‌ଘାଟନ କରି ଶିକ୍ଷା ସହିତ ସେବା ମନୋଭାବ ଜରୁରୀ ବୋଲି ପ୍ରକାଶ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନ୍ମଥ ପାଲ ଉକ୍ତ ଶିବିରର ସମସ୍ତ ପରିଚାଳନା କାର୍ଯ୍ୟ ତୁଲାଇଥିଲେ। ପୂର୍ବତନ ଏନ୍‌ଏସ୍ ଏସ୍ ପରିଚାଳକ ଗୋପବନ୍ଧୁ ପ୍ରଧାନ ମୁଖ୍ୟ ଉପଦେଷ୍ଟା ଭାବେ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ସେବା ଉପରେ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ। ଉକ୍ତ ଗ୍ରାମର ମୁଖ୍ୟ ପ୍ରକାଶ କୁମାର ସାହୁ ଶିବିରରେ ଯୋଗଦାନ କରି ସମସ୍ତ ସହଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟାପିକା ଯାଜ୍ଞସେନୀ ସାହୁ ଏବଂ ଅଧ୍ୟାପକ ଦୀପକ କୁମାର ମଲ୍ଲିକ, ସୁବାସ ସୋରେନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ସମସ୍ତ ୫୦ ଛାତ୍ରୀଛାତ୍ର ଯୋଗଦେଇଥିଲେ ।

## ଚାକିରି ଦେବାକୁ କହି ୨ ଲକ୍ଷ ଟଙ୍କା ଠକେଇ

ଅନୁଗୋଳ ଅଫିସ, ୨୩।୧

ଅନୁଗୋଳ ଥାନା ଶିକ୍ଷକପଡ଼ାରେ ରହୁଥିବା ଜଣେ ବ୍ୟକ୍ତି ସୁରକ୍ଷାକର୍ମୀ ଚାକିରି ଦେବାକୁ କହି ୨ ଲକ୍ଷ ଟଙ୍କା ଠକେଇ କରିଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ସଦର ଥାନା ଅଙ୍ଗାରବନ୍ଧ ଅଞ୍ଚଳର ଯୁବକ ବବୁଲୁ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୪୭/୨୩ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ଶିକ୍ଷକପଡ଼ାରେ ରହୁଥିବା ସମ୍ପୃକ୍ତ ବ୍ୟକ୍ତି କରୋନା ପୂର୍ବରୁ ପ୍ରାୟ ୧୫ ଜଣଙ୍କୁ ସୁରକ୍ଷା କର୍ମୀ ଚାକିରି କରାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ସେମାନଙ୍କ ନିକଟରୁ ପ୍ରାୟ ୨ ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ଚାକିରି ନ ଦେଇ ସମ୍ପୃକ୍ତ ବ୍ୟକ୍ତି ଭୁବନେଶ୍ୱର ଚାଲିଯାଇଥିଲେ। ଏଭଳି କି ଟଙ୍କା ଦେଇଥିବା ଯୁବକମାନେ ଟଙ୍କା ଫେରସ୍ତ ମାଗିବାରୁ ସେ ଧରାଛୁଆଁ ଦେଇ ନ ଥିଲେ। ଟଙ୍କା ମାଗିବାକୁ ରବିବାର ଯୁବକମାନେ ଶିକ୍ଷକପଡ଼ା ଯାଇଥିବାବେଳେ ତାଙ୍କୁ ମାରପିଟ୍ କରିବା ସହ ଟଙ୍କା ଫେରସ୍ତ ହେବ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ଆଶାୟୀଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଥିବା ଜଣାପଡ଼ିଛି।

# ୭୧ ୟୁନିଟ୍ ରକ୍ତ ସଂଗ୍ରହ

କଣିହାଁ, ୨୩।୧ (ଡି.ଏନ.ଏ.)

କଣିହାଁ ବ୍ଲକ ବଡଗୁଣ୍ଡୁରୀ ପଞ୍ଚାୟତ ଯୋରାଡଙ୍ଗାରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶ୍ରୀ ଗଣେଶ ୟୁଥ୍ କ୍ଲବ ତରଫରୁ କୋଠଘରଠାରେ ଆୟୋଜିତ ଏହି ଶିବିରରେ ଅତିଥି ଭାବେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ୍ତ କୁମାର ପଟେଲ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ସରପଞ୍ଚ ସସ୍ମିତା ଦଳେଇ, ସମିତି ସଭ୍ୟା ଦୀପ୍ତିମୟୀ ସେଠୀ, ପୂର୍ବତନ ସରପଞ୍ଚ ଲୋକନାଥ ସାହୁ, ୱାର୍ଡ ମେମ୍ବର ପ୍ରତାପ କେଶରୀ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ତାଳଚେର ରକ୍ତଦାନ ଟିମ୍ ଓ ଜୀବନସାଥୀ ଟ୍ରଷ୍ଟ ସଦସ୍ୟ ରକ୍ତ ସଂଗ୍ରହରେ ସାମିଲ ହୋଇଥିଲା। ଏଥିରେ ମୋଟ ୭୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ୟୁଥ୍ କ୍ଲବ ସଭାପତି ପ୍ରିୟବ୍ରତ ସାହୁ, ସମ୍ପାଦକ ମହେଶ୍ୱର ପ୍ରଧାନଙ୍କ ସମେତ କ୍ଲବର ଅନ୍ୟ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ବିଦ୍ୟାଳୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା



ବଇଣ୍ଡା,୨୩।୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରତିଯୋଗୀଙ୍କୁ ନେଇ ୧୭ ବର୍ଷରୁ କମ୍ ବାଳକ ବର୍ଗର କ୍ରିକେଟ୍ ପ୍ରତିଯୋଗିତା ସୋମବାର କନ୍ତପଡା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପ୍ରଧାନ ଶିକ୍ଷକ ବୀବସ୍ୱ ସାହୁ, ଗାଁ ସଭାପତି ଅଜିତ ପ୍ରଧାନ, ସମ୍ପାଦକ ମଦନ ମୋହନ ପ୍ରଧାନ ଯୋଗ ଦେଇଥିଲେ। ହାଇସ୍କୁଲ ଗୁଡିକରୁ ଆସିଥିବା ୧୭ ବର୍ଷୀୟ ଛାତ୍ରମାନେ କ୍ରିକେଟ୍ ମ୍ୟାଚରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ବୀରେନ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବ୍ଲକର ସମସ୍ତ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକମାନେ ଯୋଗଦେଇ ଖେଳ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଭବାନୀ ଶଙ୍କର ମିଶ୍ର, ଶିକ୍ଷକ ଶରତ ସାହୁ, ବସନ୍ତ ପ୍ରଧାନ ଯୋଗ ଦେଇଥଲେ। ସତ୍ୟପ୍ରିୟ ପ୍ରଧାନ, ସପ୍ନେଶ୍ୱର ସାହୁ ସହଯୋଗ କରିଥିଲେ। ଏଥିରୁ ଚୟନ ହୋଇଥିବା ପ୍ରତିଯୋଗିମାନେ ମହାନଦୀ ହାଇସ୍କୁଲ ହଣ୍ଡପାଠାରେ ଅନୁଷ୍ଠିତ ହେବାକୁ ଥିବା ସବ୍ ଡିଭିଜନସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି।

## ମିଷ୍ଟର ଓଡ଼ିଶାରେ ସଫଳତା

ଅନୁଗୋଳ ଅଫିସ,୨୩।୧

ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ଅନୁଷ୍ଠିତ ମିଷ୍ଟର ଓଡ଼ିଶା ପ୍ରତିଯୋଗିତାରେ ଅନୁଗୋଳ ପୌରପାଳିକା ଜିମର ସଦସ୍ୟ ସୁଶୀଲ କୁମାର ନାଏକ ସଫଳତା ଅର୍ଜନ କରିଛନ୍ତି। ୭୫ କେଜି ଓଜନ ବର୍ଗରେ ସୁଶୀଲ ତୃତୀୟ ସ୍ଥାନ ଅଧିକାର କରି ଅନୁଗୋଳ ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ଅନୁଗୋଳ ପୌରପାଳିକା ଜିମ୍ ତରଫରୁ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ଏହି ସଫଳତା ପାଇଁ ସେ ତାଙ୍କ ଗୁରୁ ଭବାନୀ ଓ ପୌରପାଳିକା ଜିମକୁ ସମସ୍ତ ଶ୍ରେୟ ଦେଇଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ସହାୟତା ମିଳିଲେ ଆଗାମୀ ଦିନରେ ମିଷ୍ଟର ଇଣ୍ଡିଆ ଖେଳିବା ପାଇଁ ପ୍ରସ୍ତୁତ ହେବି ବୋଲି ସୁଶୀଲ ପ୍ରକାଶ କରିଛନ୍ତି।



# ଆର୍‌ୱାଇସିସି ରାଉରକେଲା ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

କଣିହାଁ,୨୩।୧(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରନଗରଠାରେ ଚାଲିଥିବା ପବିତ୍ରନଗର କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଏମ୍‌ଏମ୍‌ସିସି ସମ୍ବଲପୁର ଓ ଆର୍‌ୱାଇସିସି ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଟିମ୍ ପ୍ରଥମେ ବ୍ୟାଟିଂ କରି ୨୧୭ ରନ କରିଥିଲା। ଜବାବରେ ସମ୍ବଲପୁର ଟିମ୍ ୧୪୧ ରନ କରି ପରାସ୍ତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତାମଡା ଅଧ୍ୟକ୍ଷ ଅବନୀକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ବୁଦ୍ଧିଜୀବୀ ମାନସ ରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପରାବିଲ ସରପଞ୍ଚ କବିତା ରାଣୀ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ପଦ୍ମଚରଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସୌରଭ ଚାନ୍ଦ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। କ୍ଲବ ସଭାପତି ଅରୁଣ ପ୍ରଧାନ, ସମ୍ପାଦକ ଜ୍ଞାନରଞ୍ଜନ ଜ୍ୟୋତିଷଙ୍କ ତତ୍ତ୍ୱାବଧାନରେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ପ୍ରେରଣାଦାୟୀ ଉପଦେଶ


ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଛେଣ୍ଡିପଦା,୨୩।୧(ସ୍ୱ.ପ୍ର.)

ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଧାୟକ ସୁଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଛେଣ୍ଡିପଦା ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ପରିଚାଳନା କମିଟି ସଦସ୍ୟ ଇନ୍ଦ୍ରମଣି ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରେରଣାଦୟୀ ଉପଦେଶ ଦେଇଥିଲେ। ଏହାପରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଖେଳ ଶିକ୍ଷକ ଭିକାରୀବନ୍ଧୁ ସାହୁ, ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ, ମଧୁସ୍ମିତା ପ୍ରଧାନ, ରାଧାରାଣୀ ପରିଡା, ମମତା ବିଲୁଙ୍ଗ, ମୁରଲୀଧର ସାହୁ, ବାପୁଜୀ ମୋହନ ସାହୁ ଓ ଶିକ୍ଷୟିତ୍ରୀ ବବିନା ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବଅଁରପାଳ, ୨୩।୧ (ଡି.ଏନ.ଏ.)

ବଅଁରପାଳ ବ୍ଲକ ପଞ୍ଚଗଡ଼ ସୋମନାଥ ସିଂହ ଜଗଦ୍ଦେବ ଯୁକ୍ତ ୨ କଲେଜରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଛାତ୍ରୀଛାତ୍ରମାନେ ସ୍ଥାନୀୟ ସିଦ୍ଧେଶ୍ୱର ମନ୍ଦିରରୁ ମଶାଲକୁ ଶୋଭାଯାତ୍ରାରେ ଆଣି ଖେଳ ପଡ଼ିଆରେ ସ୍ଥାପନ କରିଥିଲେ। କଲେଜ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସେହିପରି ଉଦ୍‌ଯାପନୀ ଦିବସରେ ଉଚ୍ଚଡିଆଁ, ଲମ୍ବଡିଆଁ, ଜାଭେଲିନ, ଶଟପୁଟ ଥ୍ରୋ ଆଦି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଗାୟତ୍ରୀ ପ୍ରଧାନ, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁନିତା ସାହୁ, ସଙ୍ଗୀତ ମିଶ୍ର ଓ ଅଧ୍ୟାପକ ବିଶ୍ୱରଞ୍ଜନ ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ। ଖେଳ ଶିକ୍ଷକ ପ୍ରେମାନନ୍ଦ ଗଡ଼ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବିକ୍ରମ ଚରଣ ବେହେରା ଧାରା ବିବରଣୀ ଦେଇଥିଲେ।

## ସଂଗ୍ରାମୀଙ୍କ ଜୀବନୀ ଉପରେ ଆଲୋକପାତ

ବଇଣ୍ଡା,୨୩।୧(ଡି.ଏନ.ଏ.)

କିଶୋରନଗର କଲେଜ ଛକ ନିକଟରେ ସୋମବାର ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଜୀବନ ଜୀବିକା ଜମି ସୁରକ୍ଷା କମିଟି ପକ୍ଷରୁ ପାଳିତ ହୋଇଯାଇଛି। କମିଟି ସଦସ୍ୟ ରମଣୀ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଲକ୍ଷ୍ମଣ ବେହେରା, ତୀର୍ଥବାସୀ ଭୋଇ, ଚିତ୍ତରଞ୍ଜନ ମେଣ୍ଡୁଳି, ଅନନ୍ତ ଚରଣ ପ୍ରଧାନ, ଶଶିଭୂଷଣ ପ୍ରଧାନ, ଚେରୁ ପ୍ରଧାନ, ସରୋଜିନୀ ନାୟକ, ରବୀନ୍ଦ୍ର ସାହୁ, ଗୌରଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଉଭୟ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।


ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

## ଶରଧାମୁଣ୍ଡାରେ ଗାୟତ୍ରୀ ମହାଯଜ୍ଞ


ମହାଯଜ୍ଞ ଅବସରରେ ଉପସ୍ଥିତ ମହିଳାମାନେ।

ବଇଣ୍ଡା, ୨୩।୧ (ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଶରଧାମୁଣ୍ଡା ଗ୍ରାମରେ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗ୍ରାମବାସୀଙ୍କ ପକ୍ଷରୁ କଳସ ଯାତ୍ରା କରାଯାଇଥିଲା। ପରେ ଗାୟତ୍ରୀ ପରିବାର ପକ୍ଷରୁ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମବାସୀ ଯୋଗଦେଇ ଥିଲେ। ସଭାପତି ନେତ୍ରାନନ୍ଦ ପଧାନ, ସମ୍ପାଦକ ଈଶ୍ୱର ପ୍ରଧାନ, ଜ୍ୟୋତ୍ସ୍ନାମୟୀ ବେହେରା, ଭାଗୀରଥି ବେହେରା, ସର୍ବେଶ୍ୱର ମଲ୍ଲିକ ଉପସ୍ଥିତ ଥିଲେ। ଗାୟତ୍ରୀ ପରିବାର ତରଫରୁ ଗାୟତ୍ରୀ ଯଜ୍ଞକୁ ଧଉରାପାଳି ଗ୍ରାମର କାମିନୀ ସାହୁ, ନଳିନୀ ବେହେରା, ସ୍ୱର୍ଣ୍ଣପ୍ରଭା ବିଶ୍ୱାଳ, ସଂଯୁକ୍ତା ଦେହୁରୀ ପରିଚାଳନା କରିଥିଲେ।

## ୨ ଜଣଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୨୩।୧ (ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ଗ୍ରାମର ସୁବାସିନୀ ବେହେରାଙ୍କୁ ତାଙ୍କ ନାତି ସିପୁନ ବେହେରା ମାଡ଼ ମାରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଠାକୁରଗଡ଼ ଥାନା ତାଳବାହାଳି ଗ୍ରାମର ଦୈତାରୀ ବେହେରାଙ୍କୁ ତାଙ୍କ ପଡୋଶୀ ଦୁଃଶା ବେହେରା, ମାମୁଲା ବେହେରା ଏକ ଠେଙ୍ଗାରେ ମାଡ଼ ମାରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଦୈତାରୀ ଜମିରେ ବାଡ ଦେଉଥିବା ବେଳେ ଦୁଃଶା ଓ ମାମୁଲା ପ୍ରତିବାଦ କରିବା ସହ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

# ଭଲ ମଣିଷ ହେବାକୁ ପରାମର୍ଶ

ତାଳଚେର, ୨୩।୧(ନି.ପ୍ର.)

ତାଳଚେର ବ୍ଲକ ଗୋପାଳପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ବନବାସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ଜ୍ୟୋତିଷଙ୍କ ଆବାହକତ୍ୱରେ ଗ୍ରାମ୍ୟ ଶିକ୍ଷା କମିଟି ସଭାପତି ବିଶ୍ୱମ୍ବର ଜ୍ୟୋତିଷ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋପାଳପ୍ରସାଦ ସରପଞ୍ଚ ସଜିତା ବେହେରା, ସମ୍ମାନିତ ଅତିଥି ଏବିଇଓ କିଶୋର ଚନ୍ଦ୍ର ବିଶ୍ୱାଳ, ଏମ୍‌ସିଏଲ୍ ହିଙ୍ଗୁଳା ପ୍ରକଳ୍ପ ଅଧିକାରୀ ଅଜୟ ସିଂ, ମୁଖ୍ୟବକ୍ତା କଳମଛୁଇଁ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜିକା ପ୍ରତିମା ତରାଇ, ମୋ ସ୍କୁଲ ଅଭିଯାନର ବରିଷ୍ଠ ସଦସ୍ୟ ମନମୋହନ ବେହେରା, ପବିତ୍ର ମୋହନ ବେହେରା, ତପନ ଜ୍ୟୋତିଷ, ଲିପକ ଜ୍ୟୋତିଷ ପ୍ରମୁଖ ମଞ୍ଚାସୀନ ଥିଲେ। ପାଠ ପଢ଼ି ଭଲ ମିଣିଷ ହେବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ଜ୍ୟୋତିଷ, ସୁଶାନ୍ତ କୁମାର ଜ୍ୟୋତିଷ, ଶିକ୍ଷକ ସିନ୍ଧୁ ପ୍ରଧାନ, ସ୍ନେହ ପ୍ରଧାନ, ରଶ୍ମିତା ବେହେରା, ଗ୍ରାମ୍ୟ ଶିକ୍ଷା କମିଟି ସଦସ୍ୟ ଟୁନା ମହାନ୍ତି, ସିଲୁ ବେହେରା, ନନ୍ଦିନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।


ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।



ପ୍ରାଥମିକ ଚିକିତ୍ସା ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବସିଛନ୍ତି ବସ୍ ଦୁର୍ଘଟଣାର ଆହତମାନେ।



ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦର ଥାନା ପଞ୍ଚୁପଟି ବ୍ରିଜ୍‌ସ୍ଥିତ ଦୁର୍ଘଟଣାସ୍ଥଳକୁ ଜିଲାପାଳ ସରୋଜ କୁମାର ସେଠୀ ଅନୁଧ୍ୟାନ ପାଇଁ ଯାଉଛନ୍ତି।

# ଦୁର୍ଘଟଣା ପାଇଁ ଏନ୍‌ଏଚ୍‌ଏଆଇ ଉପରେ ଦୋଷ

- ■ସତର୍କତା ନିମନ୍ତେ ଲାଗି ନ ଥିଲା ସାଇନେଜ୍
- ■ଅଧିକାରୀଙ୍କୁ ଡାକି ପଚାରିଲେ ଜିଲାପାଳ
- ■ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ଜନସାଧାରଣ

ଢେଙ୍କାନାଳ ଅଫିସ, ୨୩।୧

୫୫ନଂ. ଜାତୀୟ ରାଜପଥର ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦର ଥାନା ପଞ୍ଚୁପଟି ବ୍ରିଜ୍‌ଠାରେ ସୋମବାର ଭୋର ୪ଟାରେ ଘଟିଥିବା ପିକ୍‌ନିକ୍ ବସ୍ ଦୁର୍ଘଟଣା ପାଇଁ ଏନ୍‌ଏଚ୍‌ଏଆଇକୁ ଦୋଷ ଦେଇଛନ୍ତି ଜନସାଧାରଣ। ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଏବଂ ପୋଲଗୁଡ଼ିକ ନିର୍ମାଣ ନ ହୋଇ ଅଧାପନ୍ତରିଆ ହୋଇ ପଡ଼ିଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିବା ସହିତ ଏନ୍‌ଏଚ୍‌ଏଆଇ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏପରିକି ଜିଲା ଆଞ୍ଚଳିକ ପରିବହନ ବିଭାଗ ଏ ଦିଗରେ ଧ୍ୟାନ ଦେଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପଞ୍ଚୁପଟି ଠାରେ ନୂତନ ବ୍ରିଜ ନିର୍ମାଣ ଚାଲୁଥିଲେ ହେଁ ସେଠାରେ ଯାନବାହନ ଗୁଡ଼ିକର ବେଗ କମାଇବା ପାଇଁ ଚାଳକଙ୍କୁ ସତର୍କ କରିବା ନିମନ୍ତେ କୌଣସି ପ୍ରକାର ସତର୍କତାମୂଳକ ସାଇନେଜ୍ ଜାତୀୟ ରାଜପଥ ପ୍ରାଧିକରଣ କିମ୍ବା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଲଗାଯାଇ ନ ଥିଲା। ଗତ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ସଚେତନତା ବୈଠକରେ ଏ ସମ୍ପର୍କରେ ଜିଲାପାଳଙ୍କ ଉପସ୍ଥିତିରେ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀଙ୍କୁ ଏଥିପ୍ରତି ଦୃଷ୍ଟି ଦେବାକୁ ବାରମ୍ବାର କୁହାଯାଇଥିଲା। ହେଲେ ବିଭାଗ ପକ୍ଷରୁ ସାଇନେଜ୍ ଲଗାଯାଇ ନ ଥିଲା। ଦୁର୍ଘଟଣା ପରେ ତୁରନ୍ତ ଜିଲାପାଳ ପ୍ରାଧିକରଣ ଅଧିକାରୀଙ୍କୁ ଘଟଣାସ୍ଥଳକୁ ଡକାଇ ଏ ସମ୍ପର୍କରେ ପଚାରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଜନସାଧାରଣ ପ୍ରାଧିକରଣ ଅଧିକାରୀଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।



ମୃତକଙ୍କ ପରିବାରକୁ ଜିଲାପାଳ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

## କାରଣ ଖୋଜିଲେ ଏସ୍‌ଟିଏ ଅଧିକାରୀ

ପିକ୍‌ନିକ୍ ବସ୍ ଦୁର୍ଘଟଣା ପରେ ରାଜ୍ୟ ପରିବହନ ନିଗମ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ବିଭାଗର ୨ଜଣ ଅଧିକାରୀ ଓ ଢେଙ୍କାନାଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ମୋଟରଯାନ ନିରୀକ୍ଷକ ସକାଳେ ଦୁର୍ଘଟଣାସ୍ଥଳ ଯାଞ୍ଚ କରିଥିଲେ। ଦୁର୍ଘଟଣା ସ୍ଥଳଟି ବିପଦସଙ୍କୁଳ ଅଞ୍ଚଳ ହୋଇଥିବାରୁ ସେଠାରେ କୌଣସି ପ୍ରକାର ସାଇନେଜ୍ ଲାଗି ନ ଥିବା ଦେଖିବାକୁ ପାଇଥିଲେ। ଯାଞ୍ଚ ସମ୍ପର୍କିତ ରିପୋର୍ଟ ଅଧିକାରୀମାନେ କମିଶନରଙ୍କୁ ପ୍ରଦାନ କରିବା ପରେ କମିଶନର ଜିଲାପାଳଙ୍କୁ ଜଣାଇବେ। ଜିଲାପାଳ ଏ ସଂକ୍ରାନ୍ତରେ ଏନ୍‌ଏଚ୍‌ଏଆଇ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଡାକି ସଡ଼କ ସୁରକ୍ଷା ସମ୍ପର୍କରେ ପଦକ୍ଷେପ ନେବେ।

## ୩ ବର୍ଷରେ ଯାଇଛି ୪୮୧ ଜୀବନ

ଢେଙ୍କାନାଳ ଅଫିସ,୨୩।୧

ଢେଙ୍କାନାଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ୨୦୧୮ ମସିହାରେ ଆରମ୍ଭ ହୋଇଥିବା ବେଳେ ପ୍ରାୟ ୨ବର୍ଷ ମଧ୍ୟରେ ଏହା ଶେଷ ହେବା କଥା। କିନ୍ତୁ କେନ୍ଦ୍ର ସରକାରଙ୍କ ଦାୟିତ୍ୱହୀନତା, ଠିକା ସଂସ୍ଥାର ମନମୁଖି କାର୍ଯ୍ୟ ଆଦି ପାଇଁ ପ୍ରାୟ ୫ବର୍ଷ ପରେ ମଧ୍ୟ ଏହି ସମ୍ପ୍ରସାରଣ କାର୍ଯ୍ୟ ଶେଷ ନ ହୋଇ ବିପଦସଙ୍କୁଳ ଅବସ୍ଥା ସୃଷ୍ଟି କରୁଛି। ଏହି କାରଣରୁ ଗତ ୩ ବର୍ଷ ମଧ୍ୟରେ ସହସ୍ରାଧିକ ଦୁର୍ଘଟଣା ଘଟି ପ୍ରାୟ ୫ଶହ ଜୀବନ ଚାଲିଯାଇଛି। ୨୦୨୦ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ୩୦୨ ଦୁର୍ଘଟଣା ଘଟିଥିବା ବେଳେ ୧୩୭ ଜଣଙ୍କ ମୃତ୍ୟୁ ହୋଇଛି। ୨୩୬ ଜଣ ଆହତ ହୋଇଛନ୍ତି। ୨୦୨୧ ବର୍ଷର ଏହି ସମୟ ମଧ୍ୟରେ ୩୬୭ ଦୁର୍ଘଟଣା ଘଟିଥିବା ବେଳେ ୧୩୯ ଜଣଙ୍କ ମୃତ୍ୟୁ ହୋଇଛି। ୩୬୮ ଜଣ ଆହତ ହୋଇଛନ୍ତି। ୨୦୨୨ ମସିହା ଏହି ସମୟ ମଧ୍ୟରେ ୪୫୩ ଦୁର୍ଘଟଣା ଘଟି ୨୦୫ ଜଣଙ୍କ ମୃତ୍ୟୁ ହୋଇଛି। ୩୩୮ଜଣ ଆହତ ହୋଇଛନ୍ତି। କେବଳ ଗତ ଡିସେମ୍ବର ମାସରେ ୭୮ଟି ଦୁର୍ଘଟଣା ଘଟି ୨୦ ଜଣଙ୍କ ମୃତ୍ୟୁ ଓ ୩୫ଜଣ ଆହତ ହୋଇଥିବା ଜିଲା ଆଞ୍ଚଳିକ ପରିବହନ ବିଭାଗର ସୂଚନାରୁ ଜଣାପଡ଼ିଛି।

## ରାତିରେ ରାଜପଥରେ ହେଉନି ପାଟ୍ରୋଲିଂ

ଢେଙ୍କାନାଳ ଅଫିସ, ୨୩।୧

ଢେଙ୍କାନାଳ ଜିଲା ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥରେ ଦିନରାତି ପାଟ୍ରୋଲିଂ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ରାତି ସମୟରେ ପାଟ୍ରୋଲିଂ ହେଉ ନ ଥିବାରୁ କୌଣସି ଅଘଟଣ ଘଟିଲେ ଯାତ୍ରୀମାନେ ଅସୁରକ୍ଷିତ ମଣୁଛନ୍ତି। ଏଥିପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଜିଲା ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## କଟକ ପଠାଗଲା ମେଡିକାଲ ଟିମ୍

ଢେଙ୍କାନାଳ ଅଫିସ, ୨୩।୧

ଢେଙ୍କାନାଳରେ ଦୁର୍ଘଟଣାର ଶିକାର ହୋଇଥିବା ପିକ୍‌ନିକ୍ ଯାତ୍ରୀଙ୍କ ମଧ୍ୟରୁ ୧୫ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି ଓ ଚିକିତ୍ସାରେ ସୁବିଧା ଅସୁବିଧା ବୁଝିବା ସମ୍ପର୍କରେ ଢେଙ୍କାନାଳରୁ ଏକ ଡାକ୍ତରୀ ଦଳକୁ ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ କଟକ ପଠାଯାଇଥିଲା। ଉକ୍ତ ଡାକ୍ତରୀ ଟିମ୍ କଟକରେ ପହଞ୍ଚି ଗୁରୁତରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପରେ ଜିଲା ପ୍ରଶାସନ ଆଶ୍ୱସ୍ତ ହୋଇଥିଲା।

## ସ୍ୱତନ୍ତ୍ର ବସ୍‌ରେ ଘରେ ପହଞ୍ଚାଇଲା ପ୍ରଶାସନ

ଢେଙ୍କାନାଳରେ ବସ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ୧୫ ଯାତ୍ରୀଙ୍କ ଚିକିତ୍ସା କଟକ ବଡ଼ ମେଡିକାଲରେ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ଗୁରୁତରଙ୍କ ମଧ୍ୟରୁ କେତେଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବାରୁ ସେମାନଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ଏହାପରେ ସେମାନଙ୍କୁ କେନ୍ଦ୍ରାପଡ଼ାସ୍ଥିତ ଘରେ ପହଞ୍ଚାଇବାର ସମସ୍ତ ବ୍ୟବସ୍ଥା ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହଯୋଗରେ ଏକ ସ୍ୱତନ୍ତ୍ର ବସ୍ ଯୋଗେ କଟକରୁ ଆହତମାନଙ୍କୁ କେନ୍ଦ୍ରାପଡ଼ା ପଠାଇ ଦିଆଯାଇଥିଲା।

# ଜିଲାସ୍ତରୀୟ ଆର୍ଥିକ କାର୍ଯ୍ୟଶାଳା

ଢେଙ୍କାନାଳ ଅଫିସ,୨୩।୧

ଓଡ଼ିଶା ଶିକ୍ଷା ବିକାଶ ସମିତି ମଧ୍ୟ ସମ୍ଭାଗ ଅନ୍ତର୍ଗତ ଢେଙ୍କାନାଳ ଜିଲାର 'ଜିଲାସ୍ତରୀୟ ଆର୍ଥିକ କାର୍ଯ୍ୟଶାଳା -୨୦୨୩' ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଚାଉଳିଆ ଖମାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟଶାଳାରେ ଢେଙ୍କାନାଳ ଜିଲାରେ ପରିଚାଳିତ ମୋଟ ୩୯ଟି ଶିଶୁବିଦ୍ୟାମନ୍ଦିରର କାର୍ଯ୍ୟାଳୟ ପ୍ରମୁଖ, ପ୍ରଧାନ ଆଚାର୍ଯ୍ୟ, କୋଷାଧ୍ୟକ୍ଷ, ସମ୍ପାଦକ, ସଙ୍କୁଳ ପ୍ରମୁଖ, ସଙ୍କୁଳ ସଂଯୋଜକଙ୍କୁ ମିଶାଇ ମୋଟ୍ ୧୦୧ ଜଣ ଅଂଶଗ୍ରହଣ କରିଥିଲେ। ମଧ୍ୟ ସମ୍ଭାଗ ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି, ଜିଲା ପ୍ରମୁଖ ନିର୍ମଳ କୁମାର ସେନାପତି, ସହ ଜିଲା ପ୍ରମୁଖ ମନମୋହନ ତ୍ରିପାଠୀ, ସଂକୁଳ ପ୍ରମୁଖ ବିଶ୍ୱନାଥ ବେହେରା,ବିଭାଗ ନିରୀକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀ, ଅଡିଟର ଶତ୍ରୁଘ୍ନ ନାୟକ ଅତିଥି ବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟର ଆର୍ଥିକ ପରିଚାଳନାର ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ। ବିଦ୍ୟାମନ୍ଦିରର ସମ୍ପାଦକ ପତିତପାବନ ରାଉତଙ୍କ ତତ୍ତ୍ୱାବଧାନରେ ତଥା କୋଷାଧ୍ୟକ୍ଷ ଶ୍ରବଣ ପ୍ରଧାନ, ପ୍ରଧାନ ଆଚାର୍ଯ୍ୟା ରୁନୁକୁମାରୀ ନାୟକ ଓ ଅନ୍ୟ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା।




ଜିଲାସ୍ତରୀୟ ଆର୍ଥିକ କାର୍ଯ୍ୟଶାଳାରେ ଉପସ୍ଥିତ ଅତିଥିମାନେ।

# ଚିତ୍ରାଙ୍କନରେ ଅନ୍ୟା ଅନ୍ୱେଷା ପ୍ରଥମ

ଢେଙ୍କାନାଳ ଅଫିସ,୨୩।୧

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ପରୀକ୍ଷା ପେ ଚର୍ଚ୍ଚା-୨୦୨୩ ଉପଲକ୍ଷେ ସୋମବାର ସମୂହ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ମଲ୍ଲିକ ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱାଗତ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'ପରୀକ୍ଷା ଯୋଦ୍ଧା'କୁ ପଢ଼ି ବିନା ଭୟରେ ପରୀକ୍ଷା ଦେବାକୁ ପରାମର୍ଶ ଦେଇଥିଲେ। ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟ, ଏଆର୍‌ସି ଚାରବାଟିଆ, ସରାଙ୍ଗ ଜବାହର ନବୋଦୟ ବିଦ୍ୟାଳୟ, ସଂସ୍କାର ପବ୍ଲିକ ସ୍କୁଲ ରହଣି, ବ୍ରାହ୍ମଣୀ ପବ୍ଲିକ ସ୍କୁଲ ଖଡଗପ୍ରସାଦ, ଢେଙ୍କାନାଳ ଜାଭିୟର ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମହିଷାପାଟ, ସପ୍ତଶଯ୍ୟା ହାଇସ୍କୁଲ ଆଦିରୁ ପ୍ରାୟ ୧୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟ ଢେଙ୍କାନାଳର ୧୦ମ ଶ୍ରେଣୀ ଛାତ୍ରୀ ଅନ୍ୟା ଅନ୍ୱେଷା ମିଶ୍ର ପ୍ରଥମ, ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରୀ ମୁସକାନ ମହାନ୍ତି ଦ୍ୱିତୀୟ, କେନ୍ଦ୍ରୀୟ ବିଦ୍ୟାଳୟ ଢେଙ୍କାନାଳ ଏକାଦଶ ଶ୍ରେଣୀ ଛାତ୍ରୀ ଯୋଗୀତା ଧୀର ତୃତୀୟ, ଢେଙ୍କାନାଳ ଜାଭିୟର ହାଇସ୍କୁଲ ଛାତ୍ରୀ ଦୀପ୍ତିଶ୍ରୀୟା ବିଶ୍ୱାଳ ଚତୁର୍ଥ ଓ ବ୍ରାହ୍ମଣୀ ପବ୍ଲିକ ସ୍କୁଲ ଛାତ୍ରୀ ଶୁଭଶ୍ରୀ ପଣ୍ଡା ୫ମ ସ୍ଥାନ ଅଧିକାର କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଲିଖିତ ପୁସ୍ତକ ବଣ୍ଟନ କରାଯାଇଥିଲା। ଶିକ୍ଷକ ଶୁଭେନ୍ଦୁ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଶିକ୍ଷକ-ଅଭିଭାବକ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ କରୁଛନ୍ତି।

## କଣ୍ଟେନର ଜବତ, ୭୦ ଗୋରୁ ଉଦ୍ଧାର

ଢେଙ୍କାନାଳ ଅଫିସ,୨୩।୧

ଢେଙ୍କାନାଳ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥରେ ବେଆଇନ ଭାବେ ଗୋରୁ ଓ ଷଣ୍ଢ ବୋଝେଇ କରି ଯାଉଥିବା ଏକ କଣ୍ଟେନରକୁ ଟାଉନ ଥାନା ପୋଲିସ ମହିଷାପାଟ ନିକଟରୁ ସୋମବାର ଭୋର ସମୟରେ ଧରିଛି। ପୋଲିସ ଉକ୍ତ କଣ୍ଟେନରକୁ ଜବତ କରିବା ସହ ୭୦ ଗୋରୁଙ୍କୁ ଉଦ୍ଧାର କରି ମହିଷାପାଟ ଅଞ୍ଚଳରେ ଛାଡ଼ିଦେଇଛି। ତେବେ ଗାଡ଼ି ମଧ୍ୟରେ ଥିବା ଗୋରୁଙ୍କ ମଧ୍ୟରୁ ୨ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ପୋଲିସକୁ ଦେଖି ଗାଡ଼ିରେ ଥିବା ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। କଟକ ଜିଲା ଆଠଗଡ ଉପଖଣ୍ଡରୁ ଢେଙ୍କାନାଳ ଦେଇ କଟକ ଅଞ୍ଚଳକୁ ଏହି ଗୋରୁ ଚୋରାଚାଲାଣ ହେଉଥିଲା ବୋଲି ପୋଲିସ ସନ୍ଦେହ କରୁଛି। ଏ ସଂକ୍ରାନ୍ତରେ ପୋଲିସ ନଂ. ୫୭।୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଠିକା କାମକୁ ନେଇ ଗୋଷ୍ଠୀ ସଂଘର୍ଷ

ଢେଙ୍କାନାଳ ଅଫିସ,୨୩।୧



ଢେଙ୍କାନାଳ ଜନସ୍ୱାସ୍ଥ୍ୟ ବିଭାଗରେ ଭାଇବ୍ରେଟର ବ୍ୟବହାର କରାଯାଉଥିବା କାର୍ଯ୍ୟକୁ ନେଇ ସୋମବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ୨ ଜଣ ଆହତ ହୋଇଥିବା ବେଳେ ଏକ କାର୍‌କୁ ପୋଡ଼ି ଦିଆଯାଇଛି। ପ୍ରକାଶ ଯେ, ଏହି ଭାଇବ୍ରେଟର ବ୍ୟବହାର ହେଉଥିବା କାର୍ଯ୍ୟକୁ ନେଇ ଢେଙ୍କାନାଳ ସହର ଜଗନ୍ନାଥରୋଡ୍ ଅଞ୍ଚଳର କେତେଜଣ ଯୁବକ ଏବଂ ଜୟଗୋପାଳ ସାହି ବାଜିଚୌକ ଆଦି ଅଞ୍ଚଳର କେତେଜଣ ଯୁବକଙ୍କ ମଧ୍ୟରେ ତୀବ୍ର ବିବାଦ ଲାଗିଥିଲା। ବିବାଦ ଉଗ୍ରରୂପ ନେବାରୁ ଉଭୟପକ୍ଷ ପରସ୍ପର ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଦୁଇଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେହିପରି ଅରୁ ଦଳେଇଙ୍କ ଘର ଆଗରେ ରଖାଯାଇଥିବା କାରକୁ ବିରୋଧୀ ଗୋଷ୍ଠୀ ପକ୍ଷରୁ ନିଆଁ ଲଗାଇ ଦିଆଯାଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସୋମବାର ସ୍ଥାନୀୟ ଅଞ୍ଚଳର ବରିଷ୍ଠ ଓ ମୁରବୀସମ୍ପନ୍ନ ବ୍ୟକ୍ତିଙ୍କୁ ଡାକି ଟାଉନ ଥାନା ପୋଲିସ ପକ୍ଷରୁ ଆଲୋଚନା କରାଯାଇଥିଲା। ଆଇନକୁ ହାତକୁ ନେଇଥିବା ଯୁବକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଧିକାଂଶ ମତ ରଖିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏ ସଂକ୍ରାନ୍ତରେ ନଂ. ୫୬।୨୩ ଓ ୫୮।୨୩ରେ ଦୁଇଟି ମାମଲା ରୁଜୁ ହୋଇଛି।

## ୨ ଆହତ, କାର୍ ପୋଡ଼ିଦେଲେ

# ଅନ୍ୟାୟ ବିରୋଧରେ ସଂଗ୍ରାମ ଆହ୍ୱାନ

ଢେଙ୍କାନାଳ ଅଫିସ,୨୩।୧

ଢେଙ୍କାନାଳ ସଚେତନ ନାଗରିକ ଫୋରମ ପକ୍ଷରୁ ସହରସ୍ଥିତ ନୂଆପୋଖରୀ ଭାଗୀରଥି ସାଗର ନିକଟସ୍ଥ ଶିଶୁ ଉଦ୍ୟାନ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର ଯୋଗଦେଇ ନେତାଜୀଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ ନେତାଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ୟାୟ ବିରୋଧରେ ସଂଗ୍ରାମ ଜାରି ରଖିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଉପଦେଷ୍ଟା ପଙ୍କଜ ନାୟକ, ପୂର୍ବତନ ନଗରପାଳ ସୁନୀଲ ଶର୍ମା, କୈଳାସ ନାୟକ, ଜିଲା ଓକିଲ ସଂଘ ସମ୍ପାଦକ ଟଙ୍କଧର ବେହେରା, ଉପସଭାପତି ଦୀପକ ପ୍ରସାଦ ପଟ୍ଟନାୟକ, ସାମାଜିକ କର୍ମୀ ବିଶ୍ୱନାଥ ବେହେରା ଓ ସହ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର ପ୍ରମୁଖ ଯୋଗଦେଇ ନେତାଜୀଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ସମେତ ପର୍ଶୁରାମ ମହାଭୋଇ, ପ୍ରଭାତି ମହାପାତ୍ର, ସାଜିଦା ବେଗମଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମିଶ୍ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ଭରତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପୌରସଂସ୍ଥା ପକ୍ଷରୁ ଶିଶୁ ଉଦ୍ୟାନ ପରିସରରେ ପୌର ନିର୍ବାହୀ ଅଧିକାରୀ ତରୁଣ ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା, କ୍ରୀଡ଼ାବିତ ସୌମ୍ୟବ୍ରତ ସାହୁ ଏବଂ କ୍ରୀଡା ଛାତ୍ରୀଛାତ୍ର, ପୌରସଂସ୍ଥା କର୍ମଚାରୀ ଉପସ୍ଥିତ ରହି ନେତାଜୀଙ୍କ ଜୀବନ ଆଦର୍ଶ ଉପରେ ଆଲୋଚନା କରିଥିଲେ। ସେହିପରି ସହରର ଦେଉଳସାହିସ୍ଥିତ ନେତାଜୀ କ୍ଲବ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସଞ୍ଜୟ କୁମାର ଭଞ୍ଜ, ମୁରଲୀଧର ଭଞ୍ଜ, ସନ୍ତୋଷ ପତି, ପ୍ରଦୀପ ଜେନାଙ୍କ ସମେତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସୁଲକ୍ଷଣା ଦେବୀ ସରକାରୀ ବାଳିକା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ତତ୍ତ୍ୱାବଧାନରେ ନେତାଜୀ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ସଚେତନ ନାଗରିକ ଫୋରମ ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ କରାଯାଉଛି।

